# NATIONAL NEWS BULLETIN (ODIA)

**6 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ-ଆମେରିକା ସଂପର୍କ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ଭାବପୂର୍ଣ୍ଣ ମନ୍ତବ୍ୟକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

- ଆମେରିକାର ଅତିରିକ୍ତ ଶୁଳ୍କ ଯୋଗୁଁ ପ୍ରଭାବିତ ଭାରତୀୟ ରପ୍ତାନୀକାରୀଙ୍କୁ ସହାୟତା ଯୋଗାଇଦେବେ କେନ୍ଦ୍ର ସରକାର

- ପଞ୍ଜାବ ବନ୍ୟାରେ ୩ଲକ୍ଷ ୮୪ ହଜାରରୁ ଅଧିକ ଲୋକ ପ୍ରଭାବିତ

–କ୍ଷୟକ୍ଷତି ଆକଳନ ଲାଗି ଦୁଇଟି ମନ୍ତ୍ରିସ୍ତରୀୟ ଟିମ୍ ଗଠନ କଲେ ସରକାର

- ବିହାରର ଗୟାଠାରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱପ୍ରସିଦ୍ଧ ପିତୃପକ୍ଷ ମେଳା ମହାସଂଗମ

ଏବଂ

- ପୁରୁଷ ଏସିଆ କପ୍ ହକି ଚମ୍ପିୟାନ୍‌ସିପ୍‌ର ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ଭାରତ-ଚୀନ୍ ମଧ୍ୟରେ ହେବ ମୁକାବିଲା

## ପିଏମ୍-ଟ୍ରମ୍ପ ଷ୍ଟେଟ୍‌ମେଣ୍ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଓ ଆମେରିକା ସଂପର୍କ ନେଇ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଦେଇଥିବା ଭାବପୂର୍ଣ୍ଣ ମନ୍ତବ୍ୟକୁ ପ୍ରଶଂସା

କରିଛନ୍ତି । ଶ୍ରୀ ଟ୍ରମ୍ପ ଦେଇଥିବା ମନ୍ତବ୍ୟର ଜବାବରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ସକାରାତ୍ମକ ସଂପର୍କ ରହିଛି ଏବଂ ବିଶ୍ୱ ରଣନୈତିକ ସହଯୋଗ କ୍ଷେତ୍ରରେ ଏହି ସଂପର୍କ ଆଗକୁ ଆହୁରି ଦୃଢ଼ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଶ୍ରୀ ଟ୍ରମ୍ପ ଗତ ରାତିରେ ୱାଶିଂଟନ୍‌ରେ କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଏକ ସ୍ୱତନ୍ତ୍ର ସଂପର୍କ ରହିଛି । ତେଣୁ ଦୁଇଦେଶ ମଧ୍ୟରେ ଥିବା ସହଭାଗିତାରକୁ ନେଇ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ଜଣେ ମହାନ ବ୍ୟକ୍ତି ଏବଂ ସେ ତାଙ୍କର ଜଣେ ଭଲ ବନ୍ଧୁ ହୋଇ ସବୁଦିନ ରହିବେ ।

ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ ଭାରତ ସଂପର୍କରେ ନକାରାତ୍ମକ ମନ୍ତବ୍ୟ ଦେବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟି ଥିଲା ।

---

## ସୀତାରମଣ

ଯୁକ୍ତରାଷ୍ଟ୍ର ଆମେରିକାର ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ପ୍ରଭାବିତ ଭାରତର ରପ୍ତାନୀକାରୀଙ୍କୁ ସହାୟତା ଯୋଗାଇଦେବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଏକ ଘରୋଇ ସମ୍ବାଦ ଚ୍ୟାନେଲ୍ ସହ ସାକ୍ଷାତକାର ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ସମ୍ପୃକ୍ତ ରପ୍ତାନୀକାରୀଙ୍କ ଲାଗି ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସରକାର ପ୍ରସ୍ତୁତ କରୁଛନ୍ତି । କେବଳ ଦେଶରେ ପ୍ରତ୍ୟେକ ଜିନିଷ ଉତ୍ପାଦନ କରିବା ଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବରଂ ବର୍ତ୍ତମାନର ଅନିଶ୍ଚିତ ବୈଶ୍ୱିକ ବାଣିଜ୍ୟ

ନୀତିକୁ ଦୃଷ୍ଟିରେ ରଖି ଆତ୍ମସମ୍ମାନ ବଜାୟ ରଖି ବ୍ୟବସାୟ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଦ୍ୱାରା ହିଁ ଆମେ ଲକ୍ଷ୍ୟ ହାସଲ କରିପାରିବା ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

---

## ଡାଏରୀ ଜିଏସ୍‌ଟି ରିଫର୍ମସ

କେନ୍ଦ୍ର ସରକାରଙ୍କ ଦ୍ୱାରା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ ଯେଉଁ ପରିବର୍ତ୍ତନ କରାଯାଇଛି ଓ ଟିକସ ହ୍ରାସ କରାଯାଇଛି, ତାହା ଚଳିତମାସ ୨୨ ତାରିଖରୁ ଲାଗୁ ହେବ । ଜିଏସଟି ପରିଷଦ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରି ପୂର୍ବରୁ ଥିବା ଚାରିସ୍ତରୀୟ ଟିକସ ବ୍ୟବସ୍ଥା ୫, ୧୨, ୧୮ ଓ ୨୮ ପ୍ରତିଶତକୁ ହ୍ରାସ କରି ଦୁଇସ୍ତରୀୟ ଅର୍ଥାତ୍ ୫ ଓ ୧୮ ପ୍ରତିଶତ କରିଛି । ଜିଏସଟି ଟିକସ ହାର ଅନେକ ସାମଗ୍ରୀ ଉପରେ ହ୍ରାସ କରାଯାଇଛି । ଔଷଧଠାରୁ ଆରମ୍ଭ କରି କ୍ଷୀର, କାର୍, ସାବୁନ୍ ଏପରିକି ଆଇପିଏଲ୍ ଟିକେଟ୍ ଉପରେ ମଧ୍ୟ ଟିକସ ହାର ହ୍ରାସ କରାଯାଇଛି ।

ଜିଏସଟି ପରିଷଦ ତା'ର ସ୍ୱତନ୍ତ୍ର ବୈଠକରେ ଅନେକ ଗୁଡ଼ିଏ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଟିକସ ହ୍ରାସ ପାଇଛି । ପନିର୍, ଛେନା ଏବଂ ଅତ୍ୟଧିକ ତାପମାତ୍ରାରେ ପ୍ରସ୍ତୁତ କ୍ଷୀର ଉପରେ ପୂର୍ବରୁ ଥିବା ୫ ପ୍ରତିଶତ ଜିଏସ୍‌ଟି ହାରକୁ ସଂପୂର୍ଣ୍ଣ ଛାଡ଼ କରାଯାଇଛି । ଅନ୍ୟପକ୍ଷରେ ବଟର, ଘିଅ ଓ ଲହୁଣୀ ଉପରେ ପୂର୍ବର ୧୨ ପ୍ରତିଶତ ଟିକସ ହାରକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

କ୍ଷୀର ପରିବହନ କରାଯାଉଥିବା ଲୁହା, ଷ୍ଟିଲ୍ ଏବଂ ଆଲୁମିନିୟମ ତିଆରି ଡବା ଉପରେ ଟିକସ ହାରକୁ ୧୨ରୁ ୫ ପ୍ରତିଶତକୁ ହ୍ରାସ

କରାଯାଇଥିବା ବେଳେ ସେଥିରୁ ତିଆରି ହେଉଥିବା ପାନୀୟ ଗୁଡ଼ିକ ମଧ୍ୟ ଟିକସ ହାରକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଦୁଗ୍ଧଜାତ ଦ୍ରବ୍ୟ ଉପରେ ଟିକସ ହାର ହ୍ରାସ ନେଇ ଗୁଜରାଟ ଦୁଗ୍ଧ ସମବାୟ ସଂଘର ପରିଚାଳନା ନିର୍ଦ୍ଦେଶକ ଜୟନ୍ ମେହେଟ୍ଟା କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ଉଭୟ ଉପଭୋକ୍ତା ଏବଂ ଉତ୍ପାଦକଙ୍କ ପାଇଁ ଏକ ବଡ଼ ଉପହାର । ସେ କହିଛନ୍ତି ଟିକସ ହାର ହ୍ରାସ ପାଇବା ଫଳରେ ଉପଭୋକ୍ତାମାନେ ଅଧିକରୁ ଅଧିକ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବହାର କରିବେ ।

**V/O (Jayan Mehetta)**

ଦୁଗ୍ଧଜାତ ଦ୍ରବ୍ୟଗୁଡ଼ିକରେ ଜିଏସଟି ହାର ହ୍ରାସ ପାଇବା ଉଭୟ କୃଷକ ଏବଂ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିବା ସହ ସେମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଜଣାପଡ଼ିଛି ।

# ଡେ ପଞ୍ଜାବ ଫ୍ଲଡ୍

ପଞ୍ଜାବରେ ବନ୍ୟା ପରିସ୍ଥିତି ସୁଧୁରିବାରେ ଲାଗିଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଭାକ୍ରା ଏବଂ ପୋଙ୍ଗ ଡ୍ୟାମରୁ ବହୁ ପରିମାଣର ବନ୍ୟାଜଳକୁ ନିୟନ୍ତ୍ରଣ କରି ଛଡ଼ାଯାଉଛି । ଇତିମଧ୍ୟରେ ରାଜ୍ୟରେ ଅଧିକ ମୃତ୍ୟୁ ହୋଇନଥିବା ଜଣାପଡ଼ିଛି । ଏପର୍ଯ୍ୟନ୍ତ ୨୩ଟି ଜିଲ୍ଲାର ୧୯୪୮ଟି ଗ୍ରାମର ୩ ଲକ୍ଷ ୮୪ ହଜାରରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି । ଫସଲ ବହୁପରିମାଣରେ

କ୍ଷତି ହୋଇଥିବା ବେଳେ ଅନେକ ଲୋକଙ୍କ ପାଖରେ ରହିବା ପାଇଁ ଘର ନାହିଁ । ବନ୍ୟା ଜଳ କମିଥିବା ବେଳେ ଲୋକମାନେ ବଳକା ଉପକରଣ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି ।

ଆମ ଜଳନ୍ଧର ସମ୍ବାଦଦାତା ଜଣାଇଛନ୍ତି, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ଗୁରୁବାର ଦିନ ପଞ୍ଜାବ ଗସ୍ତ କରି ଅବୈଧ ଖନନକୁ ଦାୟୀ କରିଛନ୍ତି । ସେ କହିଛନ୍ତି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ପରିସ୍ଥିତି ସ୍ୱାଭାବିକ କରିବା ଲାଗି କେନ୍ଦ୍ର ସରକାର କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବେ । ସେହି ସମୟରେ ରାଜ୍ୟ ସରକାର ମଧ ଗୁରୁତ୍ୱର ସହ ତୃଣମୂଳସ୍ତରରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

କେନ୍ଦ୍ର ସରକାର କ୍ଷୟକ୍ଷତିର ଆକଳନ କରିବା ଲାଗି ୨ଟି ମନ୍ତ୍ରିସ୍ତରୀୟ ଟିମ୍ ଗଠନ କରିଛନ୍ତି । ଏଥିରେ କୃଷି, ଅର୍ଥ, ଶକ୍ତି ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନେ ରହିଛନ୍ତି । ସେମାନେ କ୍ଷୟକ୍ଷତି ଆକଳନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଭାରତୀୟ ସେନା, ବାୟୁସେନା, ବିଏସ୍ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍‌କୁ ନିୟୋଜିତ କରାଯାଇଛି । ବିଭିନ୍ନ ସ୍ଥାନରେ ଜଳଘେରରେ ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ମଧ୍ୟ ସାମିଲ ହୋଇଛନ୍ତି ।

---

## ବିହାର-ପିତୃପକ୍ଷ ମେଳା

ବିଶ୍ୱପ୍ରସିଦ୍ଧ ପିତୃପକ୍ଷ ମେଳା ମହାସଂଗମ-୨୦୨୫ ଆଜି ବିହାରର ଗୟାଠାରେ ଆରମ୍ଭ ହେଉଛି। ସମଗ୍ର ବିଶ୍ୱରୁ ଲୋକମାନେ ସେମାନଙ୍କ

ପୂର୍ବପୁରୁଷଙ୍କ ଆତ୍ମା ଶାନ୍ତି ପାଇଁ ତିଳତର୍ପଣ କରିବାକୁ ଗୟାରେ ଏକତ୍ରିତ ହୋଇଛନ୍ତି । ଆଜି ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଜିତନରାମ ମାଁଝୀ ଏହି ବିଶ୍ୱପ୍ରସିଦ୍ଧ ମେଳାକୁ ଉଦ୍‌ଘାଟନ କରିବେ । ଚଳିତବର୍ଷ ପିତୃପକ୍ଷ ମେଳା ଆଜିଠାରୁ ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୂର୍ବବର୍ଷ ପରି ଗୟା ଜିଲ୍ଲାରେ ବହୁସଂଖ୍ୟକ ତୀର୍ଥଯାତ୍ରୀ ବିଷ୍ଣୁପାଦ ଦେବଘାଟ ଏବଂ ଅନ୍ୟାନ୍ୟ ପବିତ୍ର ସ୍ଥାନରେ ତିଳତର୍ପଣ କରିବା ପାଇଁ ଆସିବେ ବୋଲି ଆଶା କରାଯାଉଛି । ମେଳା ଅବସରରେ ତୀର୍ଥଯାତ୍ରୀଙ୍କ ସୁବିଧା ଏବଂ ଆଇନଶୃଙ୍ଖଳା, ଟ୍ରାଫିକ୍ ପରିଚାଳନା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

ସମଗ୍ର ମେଳା ଅଞ୍ଚଳକୁ ୧୭ଟି ସୁପର୍‌ଜୋନ୍, ୪୩ ଜୋନ୍ ଏବଂ ୩୨୪ ସେକ୍ଟରରେ ବିଭକ୍ତ କରାଯାଇଛି । ଜିଲ୍ଲାପାଳ ଶଶାଙ୍କ ଶୁଭଙ୍କର ସୂଚନା ଦେଇ କହିଛନ୍ତି ଆଜି ଗୋଦାବରୀ ପୁଷ୍କରିଣୀରେ ତର୍ପଣ କରାଯିବ । ଏହାପରେ ବିଭିନ୍ନ ପୁଷ୍କରିଣୀ ଏବଂ ତିଳତର୍ପଣ ସ୍ଥାନଗୁଡ଼ିକରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଜାରି ରହିବ ।

---

## ଏମ୍‌ଓଏ-ବ୍ରିଫିଂ

ମରିସସ୍‌ର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମ୍‌ଗୁଲାମ୍ ଆସନ୍ତା ୯ ତାରିଖରୁ ଏକ ସରକାରୀ ଗସ୍ତରେ ଭାରତ ଆସୁଛନ୍ତି ।  ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତ ଅବସରରେ ଶ୍ରୀ ରାମ୍‌ଗୁଲାମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହାଛଡ଼ା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଦ୍ୱିପକ୍ଷୀୟ ରଣନୈତିକ ଭାଗିଦାରକୁ ସଶକ୍ତ କରିବା ଲାଗି କଥାବାର୍ତ୍ତା କରିବେ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଥିବା ଡକ୍ଟର

ରାମଗୁଲାମ୍ ନୂଆଦିଲ୍ଲୀ ବ୍ୟତୀତ ମୁମ୍ବାଇ, ବାରାଣାସୀ, ଅଯୋଧ୍ୟା ଓ ତୀରୁପତି ଗସ୍ତ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି । ଏହି ଗସ୍ତ ଦ୍ୱାରା ଭାରତ ଓ ମରିସସ୍ ମଧ୍ୟରେ ଦ୍ୱିପକ୍ଷୀୟ ସଂପର୍କ ଅଧିକ ସଶକ୍ତ ହୋଇପାରିବ । ଚଳିତ ଥର ମରିସସ୍‌ର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାମ୍‌ଗୁଲାମ୍ ପ୍ରଥମ ଉପସାଗରୀୟ ଦ୍ୱିପକ୍ଷିୟ ଗସ୍ତରେ ଭାରତ ଆସୁଛନ୍ତି  ବୋଲି ମନ୍ତ୍ରଣାଳୟ କହିଛି ।

---

## ହକି

ବିହାରର ରାଜଗିରି ଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ଚାମ୍ପିୟାନ୍‌ସିପ୍‌ର ସୁପର ଫୋର୍ ପର୍ଯ୍ୟାୟରେ ଆଜି ଭାରତ’ ଚୀନ୍‌କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ ।

ଆଜି ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ  ଅପରାହ୍ଣ ୫ଟାରେ କୋରିଆ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ । ଏହାଛଡ଼ା ଏହି ଚାମ୍ପିୟାନ୍‌ସିପ୍‌ର ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ସ୍ଥାନିତ ହେବା ଲାଗି ଆଜି ଅପରାହ୍ଣରେ ଚାଇନିସ୍ ତାଇପେଇ’ କାଜାଖସ୍ତାନକୁ ଭେଟିବ ।

---

## ଆର୍ଚେରୀ

ବିଶ୍ୱ ତୀରଚାଳନା ଚମ୍ପିୟାନ୍‌ସିପ୍ ଆଜିଠାରୁ ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁ ଠାରେ ଆରମ୍ଭ ହେବ ।  ଏକ ୧୨ଜଣିଆ ଭାରତୀୟ ଦଳ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଏହି ଚମ୍ପିୟାନ୍‌ସିପ୍‌ର ଗତ ସଂସ୍କରଣରେ ଭାରତ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲା ।

---